ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଡିସେମ୍ବର ୨୫/୨୦୧୯ Rayagada, Wednesday, December 25/ 2019

## ସଂକ୍ଷେପରେ



### ୧୫୨ ହିତାଧିକାରୀଙ୍କୁ ପଙ୍ଖା ବାଣ୍ଟିଲେ ବିଧାୟକ

**ଗୁଡାରୀ, ୨୪।୧୨ (ଡି.ଏନ୍.ଏ.):** ଗୁଡାରୀ ଏନ୍ଏସି କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ହିତାଧିକାରୀଙ୍କୁ ପଙ୍ଖା ଓ ଭତ୍ତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସହରବାସିନ୍ଦାଙ୍କୁ ବଣ୍ଟିପଙ୍ଖା ଓ ମଧୁବାବୁ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଭାରତୀ ଦେବୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୫୨ ଜଣଙ୍କୁ ପଙ୍ଖା ଓ ୨୫ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଗାୟତ୍ରୀ ଦେବୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ନେତା ସନ୍ତୋଷ ମହାନ୍ତି, ଅଶୋକ ପାତ୍ର, ସୁବାସ ଚନ୍ଦ୍ର ଗୌଡ ଏବଂ ଏନ୍ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୮ ବର୍ଷ ପରେ ଖୋଲିଲା ଚର୍ଚ୍ଚର ତାଲା

**ବିଷମକଟକ,୨୪।୧୨(ଡି.ଏନ୍.ଏ)**

## ଚର୍ଚ୍ଚରେ ପୋଲିସ ମୁତୟନ


ଚର୍ଚ୍ଚକୁ ସଜା ଯାଇଛି ।

ଦୀର୍ଘ ୮ ବର୍ଷ ପରେ ପୁଣି ରାୟଗଡା ଜିଲା ବିଷମକଟକସ୍ଥିତ ଜେଇଏଲ୍‌ସି ଚର୍ଚ୍ଚର ତାଲା ମଙ୍ଗଳବାର ଖୋଲିଛି । ପ୍ରବଳ ବିରୋଧ ସତ୍ତ୍ୱେ ପୋଲିସ ଉପସ୍ଥିତିରେ ଏହା ଖୋଲିଛି । ବଡ଼ଦିନକୁ ଦୃଷ୍ଟିରେ ରଖି ଏହା ଖୋଲାଯାଇଥିବା ଜଣାଯାଇଛି । ଆଇନଶୃଙ୍ଖଳା ଉପୁଜିବା ଆଶଙ୍କାରେ ବର୍ତ୍ତମାନ ଘଟଣାସ୍ଥଳରେ ପୋଲିସ ପଇଁତରା ମାରୁଛି । ବୁଧବାର ବଡ଼ଦିନ ପାଳନ କରାଯିବା ନେଇ ଚର୍ଚ୍ଚରେ ପ୍ରସ୍ତୁତି ଜୋରସୋରରେ ଚାଲିଛି ।

ପୂର୍ବତନ ପାଳକଙ୍କୁ ବଦଳାଇବା ନେଇ ଦୀର୍ଘ ଦିନ ହେବ ଏକ ଗୋଷ୍ଠୀ ଦାବି କରି ଆସୁଥିଲେ । ଏନେଇ ଜୟପୁର ମୁଖ୍ୟମଣ୍ଡଳୀକୁ ଅବଗତ କରାଯାଇଥିଲା । ନିୟମ ଅନୁଯାୟୀ ପାଳକଙ୍କ ବୟସ ଓ ଯୋଗ୍ୟତାକୁ ଭିତ୍ତିକରି ପାଳକଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାଯାଇଥିଲା । ପରେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା । ଏ ଘଟଣା ନ୍ୟାୟାଳୟରେ ପହଞ୍ଚିଥିଲା । ଦୀର୍ଘ ଆଠ ବର୍ଷରେ ନ୍ୟାୟାଳୟ ପାଳକଙ୍କ ସପକ୍ଷରେ ରାୟ ଦେବା ସହ ଚର୍ଚ୍ଚରେ ଉପାସନା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ପାଳକ ଗୋଷ୍ଠୀ ଗତ ଅଗଷ୍ଟ ୨୫ ତାରିଖରେ ପୋଲିସ୍ ଫୋର୍ସ ଉପସ୍ଥିତିରେ ଚର୍ଚ୍ଚର ତାଲା ଖୋଲିଥିଲେ । ପରେ ସେଠାରେ ଉପାସନ କରିଆସୁଥିଲେ । ବିପକ୍ଷ ଗୋଷ୍ଠୀ ଏ ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଚାଲିଥିବା ମକଦ୍ଦମା ଉପରେ ସ୍ଥିତାବସ୍ଥା ଶୁଣାଇଥିବା ବେଳେ ପୁଣି ଚର୍ଚ୍ଚରେ ତାଲା ପଡିଯାଇଥିଲା । ପରବର୍ତ୍ତୀ ସମୟରେ ଉଚ୍ଚନ୍ୟାୟାଳୟ ବିପକ୍ଷ ଗୋଷ୍ଠୀର ମାମଲାକୁ ଜିଲା ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ସହ ଜାରି କରିଥିବା ସ୍ଥିତାବସ୍ଥାକୁ ଖାରଜ କରି ଦେଇଥିଲେ। ବିଷମକଟକ ପ୍ରଥମଶ୍ରେଣୀ ଅଦାଲତ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମା ବଳବତ୍ତର ରହିଥିବାରୁ ନ୍ୟାୟାଳୟର ନିର୍ଦ୍ଦେଶ ଆଧାରରେ ମଙ୍ଗଳବାର ଚର୍ଚ୍ଚର ତାଲା ଖୋଲାଯାଇଛି । ବଡଦିନ ପାଇଁ ପ୍ରସ୍ତୁତି କରାଯାଉଥିବା ବେଳେ ବିପକ୍ଷ ଗୋଷ୍ଠୀ ଆକ୍ରୋଶର ଶିକାର ହୋଇ ବିଷମକଟକ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ଥିଲା । ଶେଷରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବିଷମକଟକ ତହସିଲଦାର ଆଲବର୍ଟ ଲାକଡାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ମୁତୟନ କରାଯାଇ ଏହାର ତାଲା ଖୋଲାଯାଇଛି। ବର୍ତ୍ତମାନ ଚର୍ଚ୍ଚ ପରିସରରେ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ଚର୍ଚ୍ଚ ଖୋଲିବା ଖବର ପ୍ରଚାରିତ ହେବା ପରେ ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକେ ଖୁସି ପ୍ରକଟ କରିଛନ୍ତି। ଥାନା ଅତିରିକ୍ତ ଅଧିକାରୀ ଉଲ୍ଲାସ ରାଉତ ଆଇନଶୃଙ୍ଖଳା ତଦାରଖ କରୁଥିବା ସହ ଏକ ପ୍ଲାଟୁନ ସିଆରପିଏଫ୍ ଯବାନ ମୁତୟନ କରାଯାଇଛି ।


ଛାତ୍ରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଅଭିନୟ ପ୍ରଦର୍ଶନ କରୁଛନ୍ତି।

# ପ୍ରି କ୍ରିସ୍‌ମାସ ପାଳିତ

**ଗୁଣପୁର,୨୪।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ପ୍ରି କ୍ରିସ୍‌ମାସ ମଙ୍ଗଳବାର ପାଳିତ ହୋଇଯାଇଛି। ଯିଶୁଙ୍କ ଜନ୍ମଦିନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ବିଦ୍ୟାଳୟ ପରିସରରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମସ୍ଥାନ କୁଡ଼ିଆଘର ଓ କ୍ରିସ୍‌ମାସ ଟ୍ରି ପିଲାମାନେ ସୁନ୍ଦରଭାବରେ ତିଆରି କରି ଆଲୋକମାଳାରେ ସଜାଇଥିଲେ । ସାନ୍ତାକ୍ଲଜ୍ ବେଶଧାରୀ ଛାତ୍ରମାନେ କ୍ରିସ୍‌ମାସ୍ ଅଭିନନ୍ଦନ ସମସ୍ତଙ୍କୁ ଜଣାଇବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କୁନି କୁନି ପିଲାମାନେ ମାମେରୀ, ପିତା ଜୋଶେଫ ଏବଂ ଯିଶୁଙ୍କ ବେଶରେ ସଜ୍ଜିତ ହୋଇ ସୁନ୍ଦର ଅଭିନୟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ଯିଶୁଖ୍ରୀଷ୍ଟ ଶାନ୍ତି, ପ୍ରେମ, କରୁଣାର ବାର୍ତ୍ତା ସାରାବିଶ୍ୱକୁ ପ୍ରଦାନ କରିଛନ୍ତି ବୋଲି କହିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଜେନେରାଲ ଡ: ଜଗଦୀଶ ପଣ୍ଡା ସମସ୍ତଙ୍କୁ କ୍ରିସ୍‌ମାସ ଅଭିନନ୍ଦନ ଜଣାଇବା ସହିତ ଯିଶୁଖ୍ରୀଷ୍ଟଙ୍କ ବାଣୀ ସମଗ୍ର ମାନବତା ପାଇଁ ଶାନ୍ତିର ବାର୍ତ୍ତାବହନ କରେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସିଟ୍ କ୍ୟାମ୍ପସର ପ୍ରଧାନ ଶିକ୍ଷୟିତ୍ରୀ ଟି. ଶ୍ରୀଦେବୀ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ ।

# ନାବାଳକ କାର ଚଲାଇ ଗଣିଲେ ୨୫ ହଜାର ଜରିମାନା

**ରାୟଗଡ଼ା ଅଫିସ,୨୪।୧୨**

ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ଟ୍ରାଫିକ ନିୟମ କଡ଼ାକଡ଼ି କରାଯାଇଛି । ତଥାପି ଲୋକେ ସଚେତନ ହେଉନାହାନ୍ତି । ମଙ୍ଗଳବାର ରାୟଗଡ଼ା ସହରର ରିଂ ରୋଡ଼ରେ ଜଣେ ନାବାଳକ କାର ଚଲାଇ ୨୫ ହଜାର ଟଙ୍କା ଜରିମାନା ଦେଇଛନ୍ତି । ରାୟଗଡ଼ା ପୋଲିସ ଏବଂ ଆରଟିଓ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଉକ୍ତ କାରକୁ ଜବତ କରାଯିବା ସହ ଏହି ଜରିମାନା ଆଦାୟ କରାଯାଇଛି। ୧୩ ବର୍ଷୀୟ ଏହି ନାବାଳକ ତାଙ୍କ ସାଙ୍ଗକୁ କାର (ଓଆର ୧୪ କେ ୭୭୫୫)ରେ ବସାଇ ଚଲାଉଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ । ରାୟଗଡ଼ା ଟାଉନ ଥାନା ଏସ୍‌ଆଇ ମାନସ କୁମାର ସାହୁ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିବା ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି । ନାବାଳକଙ୍କ ବାପା ଅଶୋକ ନଗରର ସେଖ ତାଫିନ ଉଦ୍ଦିନ ଜରିମାନା ପୈଠ କରିବା ସହ ଏକ ଅଣ୍ଡର ଟେକିଂ ପ୍ରଦାନ କରିଛନ୍ତି। ଏମଭି ଆଇ ଆକ୍ଟ ଅନୁଯାୟୀ ୧୯୯ (ଏ) (୨) ରେ ତାଙ୍କୁ ଜରିମନା କରାଯାଇଛି ବୋଲି ଆରଟିଓ କହିଛନ୍ତି।

# ମହିଳାଙ୍କ ନୃତ୍ୟ ପ୍ରତିଯୋଗିତା

**ରାୟଗଡ଼ା ଅଫିସ ,୨୪।୧୨**

ଚଇତି ଲୋକ ମହୋତ୍ସବ ଉପଲକ୍ଷେ ବିବାହିତା ମହିଳାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ମଙ୍ଗଳବାର ମହିଳା ସଂସ୍କୃତି ଲେଡ଼ିଜ କ୍ଲବଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୬ ବିବାହିତା ମହିଳା ଅଂଶ ଗ୍ରହଣ କରି ନିଜର ପ୍ରତିଭା ଦେଖାଇଥିଲେ । ଏଥିରେ କିରଣବାଳା ପାତ୍ର ପ୍ରଥମ, ବିଜ୍ରତା ମିଶ୍ର ଦ୍ୱିତୀୟ, ବିରଜା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଡ଼.ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟ ମହିଳାମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି।


ଅତିଥିଙ୍କ ଗ୍ରହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ।




## ଦେଢବର୍ଷ ହେଲା ସରୁନି ରାସ୍ତା କାମ

# ସମସ୍ୟାରେ ୧୭ ଗାଁ ଲୋକେ

**କୋଲନରା,୨୪।୧୨(ଡି.ଏନ୍.ଏ.)**

କୋଲନରା ନିକଟସ୍ଥ ଢେପସାହି ଛକରୁ ଖିଲାପଦର ପର୍ଯ୍ୟନ୍ତ ରାସ୍ତା କାମ ଚାଲିଛି। ଇତିମଧ୍ୟରେ ଦେଢ ବର୍ଷରେ ବିତିଲାଣି କାମ ସରୁନି । ଫଳରେ ୧୭ ଖଣ୍ଡ ଗାଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାରମ୍ବାର ଏନେଇ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କୋଲନରା ନିକଟସ୍ଥ ଢେପସାହି ଛକଠାରୁ ଖିଲାପଦର ଯାଇଥିବା ରାସ୍ତା ୧୯ କିଲୋମିଟର ହେବ । ସେଥିରୁ ୩ କିମି ରାସ୍ତା ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା । ପରେ ଖିଲାପଦର ଗାଁଠାରୁ ୩ କି.ମି.ଛାଡ଼ି ୧୨ କି.ମି. ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ନେଇଥିବା ଠିକାଦାର ୭ କି.ମି. ରାସ୍ତା ପିଚୁ ପକାଇସାରିଥିବା ବେଳେ କେତୋଟି ସ୍ଥାନରେ କଲଭର୍ଟ କାମ ଅଧାପନ୍ତରିଆ କରି ରଖିଛନ୍ତି । ଯେଉଁଥି ପାଇଁ ଲୋକେ ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତା ଉପରେ କୁସୁମପଦର, ଗଣ୍ଡମୁଇଁ, ଘାଟିନେଲି, ଖିଲାପଦର, ରାଇନାସିକାବାଡି, ରଡାଙ୍ଗି, ସାପ୍ରାଇଗୁଡା, ହଜାରିଡାଙ୍ଗ, ଭୋତୁଡି, ବଡଗୁମୁଡା, ସାନ ଗୁମୁଡା, କୁମ୍ଭେଇଗୁଡା, ଫକିର, ପଙ୍ଗିଲି, ସୁରୀ, ତୋଟାଗୁଡା ଓ ଖମାସିଂ ୧୭ ଖଣ୍ଡ ଗାଁ ଲୋକେ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଲୋକେ କୋଲନରାରୁ ଜେକେପୁର ଓ ରାୟଗଡା ବିଭିନ୍ନ କାର୍ଯ୍ୟରେ ଯାଇଥାନ୍ତି । ରାଇନା ସିକାବାଡିଠାରେ କଲଭର୍ଟ କାମ ଠିକ୍ ନ ଥିବା ଯୋଗୁ ଏହାକୁ ତୁରନ୍ତ କାମ କରିବାକୁ ସୁରେନ୍ଦ୍ର କଣ୍ଡାଗରି, ଅନାଦି ଚରଣ କିଲାକା, ଗଙ୍ଗାଧର କିଲାକା ଦାବି କରିଛନ୍ତି। ସେହିପରି କୁମ୍ଭେଇଗୁଡାଠାରୁ ଢେପସାହି ଛକ ପର୍ଯ୍ୟନ୍ତ ରାସ୍ତାରେ ପିଚୁ କାମ ତୁରନ୍ତ ସାରିବା ପାଇଁ ନିରଞ୍ଜନ ଚର୍ଚ୍ଚି, ଏ. ନାଗେଶ୍ୱର, କେ. ଅପାରାଓ, ସଞ୍ଜୀବ କଣ୍ଡାଗରୀ, ରାମା ରାଓ କଣ୍ଡାଗରି, ମକର କଣ୍ଡାଗରୀ ଓ ରାଜା ରାଓ କଣ୍ଡାଗରୀ ପ୍ରମୁଖ ଦାବି କରିଛନ୍ତି ।


ରାସ୍ତାରୁ ମେଟାଲ ଉଠିଯାଇଛି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

